# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 November – 2025

*********************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟକୁ ବିପୁଳ ସମର୍ଥନ

– ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ୫୦ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ଆଗୁଆ

- ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଆରମ୍ଭ ହୋଇଛି ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ

- ଆସନ୍ତାମାସ ୨୨ ତାରିଖରୁ ଆରମ୍ଭ ହେବ ଯୁକ୍ତ ୨ ଇଣ୍ଟର୍ଣ୍ଣାଲ୍ ପରୀକ୍ଷା

ଏବଂ

- ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମଧୁମେହ ଦିବସ

## ନୂଆପଡ଼ା - ଭୋଟ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଜି ସକାଳ ୮ଟାରୁ ନୂଆପଡ଼ା ନ୍ୟାସନାଲ କଲେଜ ପରିସରରେ ଭୋଟ୍‌ଗଣତି ଜାରିରହିଛି । ୧୭ ରାଉଣ୍ଡ ଭୋଟ୍ ଗଣତି ସୁଦ୍ଧା ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ୫୬ ହଜାର ୮୧୯ ଖଣ୍ଡ ଭୋଟ୍‌ରେ  ତାଙ୍କର ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ଆଗୁଆ ଅଛନ୍ତି । ମୋଟ୍ ୧୪ଟି ଟେବୁଲ୍‌ରେ ୨୬ ରାଉଣ୍ଡ୍ ଗଣତି ହେବ । ଏ ସଂପର୍କରେ  ଆମ ନୂଆପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ:

**V/O**

ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୧୧ ତାରିଖରେ ଦିନ ୩୫୮ଟି ବୁଥ୍‌ରେ ମତଗ୍ରହଣ କରାଯାଇଥିଲା। ବିଜେପିର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝୀଙ୍କୁ ମିଶାଇ ମୋଟ୍ ୧୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ ।

## କାଉଣ୍ଟିଂ

ବିହାର ବିଧାନସଭା ନିର୍ବାଚନ ପାଇଁ ୨୪୩ଟି ବିଧାନସଭା ଆସନର ଭୋଟଗଣତି କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜାରି ରହିଛି। ସକାଳ ୮ଟାରୁ ଏହି ଗଣନା ଆରମ୍ଭ ହୋଇଛି। ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣନା ହେବାପରେ ୮ଟା ୩୦ ମିନିଟ୍‌ରେ ଇଭିଏମ୍ ଗଣନା ଆରମ୍ଭ ହୋଇଥିଲା।

ରାଜ୍ୟରେ ୨୪୩ ଜଣ ରିଟର୍ଣ୍ଣିଂ ଅଫିସର ନିର୍ବାଚନ କାର୍ଯ୍ୟଧାରାକୁ ବୁଲି ଦେଖୁଥିବାବେଳେ ୨୪୩ ଜଣ' ଗଣନା ପର୍ଯ୍ୟବେକ୍ଷକ ସେମାନଙ୍କୁ ସହାୟତା କରୁଛନ୍ତି।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ - ଏନ୍‌ଡିଏ ପ୍ରାୟ୨୦୦ଟି ଆସନରେ ଆଗୁଆ ରହିଛି। ଅପରପକ୍ଷରେ ମହାଗଠବନ୍ଧନ ପ୍ରାର୍ଥୀ ଏଥିରେ ବହୁ ପଛରେ ଥିବା ସୂଚନା ମିଳିଛି।

## ସମବାୟ ସପ୍ତାହ

ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସମବାୟ ଅନୁଷ୍ଠାନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଆଜିଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ଗଣଦୌଡ଼ ଓ ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବ ଭୁବନେଶ୍ୱର ସମବାୟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଗଣଦୌଡ଼କୁ ସମବାୟ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଶୁଭାରମ୍ଭ କରିଥିଲେ । ଭୁବନେଶ୍ୱର ରାମମନ୍ଦିର ଛକସ୍ଥିତ ସେଣ୍ଟ୍ ଯୋଶେଫ୍ ସ୍କୁଲଠାରୁ ସମବାୟ ଭବନ ପର୍ଯ୍ୟନ୍ତ ଏହି ସଚେତନତା ଗଣଦୌଡ଼ ଆୟୋଜିତ ହୋଇଥିଲା ।

## ବାଣିଜ୍ୟ ମେଳା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ତର୍ଜାତୀୟ ବାଣିଜ୍ୟମେଳାରେ ଯୋଗଦେଇ ଓଡ଼ିଶା ପାଭିଲିୟନ୍‌କୁ ଉଦ୍‌ଘାଟନ କରିବେ । ଭାରତ ମଣ୍ଡପମ୍‌ରେ ଆୟୋଜିତ ଏହି ମେଳାରେ ଓଡ଼ିଶା ପ୍ରତ୍ୟେକ ବର୍ଷ ଏକ ପ୍ରମୁଖ ରାଜ୍ୟ ଭାବେ ଯୋଗଦେଇ ନିଜର ଅବଦାନ ରଖିବା ସହ ରାଜ୍ୟର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାର ପ୍ରଦର୍ଶନ ଜାରି ରଖିଛି ।

## +୨ ପରୀକ୍ଷା

ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ଇଣ୍ଟରନାଲ୍ ପରୀକ୍ଷା ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଇଣ୍ଟରନାଲ୍ ଏବଂ ପ୍ରୋଜେକ୍ଟ ପରୀକ୍ଷାକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ରେଗୁଲାର ଛାତ୍ରଛାତ୍ରୀମାନେ ଏହି ପରୀକ୍ଷା ଦେଇପାରିବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ମଧୁମେହ ଦିବସ

ମଧୁମେହ ରୋଗ ବିଷୟରେ ସଚେତନ ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ମଧୁମେହ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଜୀବନର ବିଭିନ୍ନ ପର୍ଯ୍ୟାୟରେ ମଧୁମେହ** । ରକ୍ତରେ ସର୍କରାର ପରିମାଣ ବୃଦ୍ଧି ପାଇଲେ ଏହି ରୋଗ ହୋଇଥାଏ । କମ୍ ବୟସର

ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ।

ମଧୁମେହ ଦ୍ୱାରା ବ୍ୟକ୍ତି ଜଣକର ରୋଗ ପ୍ରତିରୋଧକ ଶକ୍ତି କମିବା ସହିତ ଶରୀରର ଅଙ୍ଗପ୍ରତ୍ୟେଙ୍ଗ ଉପରେ ପ୍ରଭାବ ପକାଇଥାଏ। ବିଶ୍ୱରେ ସର୍ବାଧିକ ସଂଖ୍ୟକ ମଧୁମେହ ରୋଗୀ ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ। ପୃଥିବୀର ମୋଟ୍ ମଧୁମେହ ରୋଗୀଙ୍କ ମଧ୍ୟରୁ ୧୭ ପ୍ରତିଶତରୁ ଊର୍ଦ୍ଧ୍ୱ ମଧୁମେହ ରୋଗୀ ଭାରତରେ ଅଛନ୍ତି। ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାର ଏକ ମୁଖ୍ୟ କାରଣ ହେଉଛି ଅର୍ଦ୍ଧାଧିକ ଲୋକ ଏହି ରୋଗ ବିଷୟରେ ସଚେତନ ନାହାଁନ୍ତି। ଏକ ଆକଳନ ଅନୁସାରେ ୨୦୪୫ ମସିହା ସୁଦ୍ଧା ପ୍ରାୟ ସାଢ଼େ ୧୩ କୋଟି ଲୋକ ମଧୁମେହ ରୋଗରେ ଆକ୍ରାନ୍ତ ହୋଇପାରନ୍ତି।

<u>ମଧୁମେହ ରୋଗ ସଂପର୍କରେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରଫେସର ଜୟନ୍ତ କୁମାର ପଣ୍ଡା ଆକାଶବାଣୀକୁ କହିଛନ୍ତି : **V/O**</u>

ସାବଧାନତା ସହିତ ଶାରୀରିକ ପରିଶ୍ରମ ଏବଂ ଜୀବନଶୈଳୀରେ ପରିବର୍ତ୍ତନ, ନିୟମିତ ବ୍ୟାୟାମ, ଚାଲିବା ଓ ଅଧିକ ସର୍କରା ଯୁକ୍ତ ଖାଦ୍ୟ

ଠାରୁ ଦୂରେଇ ରହିପାରିଲେ  ମଧୁମେହ ରୋଗର ଆଶଙ୍କା ଦୂର ହୋଇଥାଏ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି,  ମଧୁମେହର ମୁକାବିଲା ପାଇଁ ସୁଚିନ୍ତିତ ସ୍ୱାସ୍ଥ୍ୟାଭ୍ୟାସ, ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଓ ସମୟାନୁସାରେ ପରୀକ୍ଷା ଦ୍ୱାରା ଏହି ରୋଗକୁ ରୋକାଯାଇ ପାରିବ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇ ପାରିଲେ ଏହି ରୋଗକୁ ନିୟନ୍ତ୍ରଣରେ ରଖାଯାଇ ପାରିବ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ସେବନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ।

## ମଧୁମେହ-ପଦଯାତ୍ରା

ପୁରୀ ଜିଲ୍ଲାରେ ମଧୁମେହ ରୋଗ ସଂପର୍କିତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉତ୍ତମ ଜୀବନଚର୍ଯ୍ୟା ସହ ସନ୍ତୁଳିତ ଖାଦ୍ୟ ଗ୍ରହଣ ଦ୍ୱାରା ମଧୁମେହ ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଥିଲେ । ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ଏହି ସଚେନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ

ବିଶେଷଜ୍ଞ ଡାକ୍ତର, ମଧୁମେହ ରୋଗୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

## ବିଶ୍ୱବିଦ୍ୟାଳୟ

ଜାତୀୟ ଅନୁସନ୍ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଥମ ଜାତୀୟ ଅନୁସନ୍ଧାନ ଗବେଷଣା କର୍ମଶାଳା ଆୟୋଜିତ ହୋଇଛି । ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମିଲ ରହିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଏଥିରେ ପ୍ରତିନିଧିତ୍ୱ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ଓ ୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି । ଆଗାମୀ ଦିନରେ ଏହି ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପିଏଚ୍.ଡି କାର୍ଯ୍ୟକ୍ରମ, ଏମ୍ଏସ୍.ସି. ଗବେଷଣା ପ୍ରକଳ୍ପ ଏବଂ ଇଣ୍ଟର୍ଣ୍ଣସିପ୍ର ମିଳିତ ତଦାରଖ ସମେତ ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡ଼ିଛି ।

## ସାଇବର ସୁରକ୍ଷା କର୍ମଶାଳା

ବ୍ରହ୍ମପୁରସ୍ଥିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ସାଇବର ସୁରକ୍ଷା ସଂପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ପ୍ରମୀଳା ଖାଡ଼ଙ୍ଗା ଅଧକ୍ଷତା କରିବା ସହ ସାଇବର ଠକେଇରୁ ବର୍ତ୍ତିବାନେଇ ସଚେତନ କରାଇଥିଲେ ।

## ଆଲୋଚନାଚକ୍ର

କୋରାପୁଟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅମୃତ ଯୋଜନା ୨.୦ ନିମନ୍ତେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କାର୍ଯ୍ୟକ୍ରମରେ ଅଧକ୍ଷତା କରି  ସରକାରଙ୍କ  ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୫୭ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ । ୯୨ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ବର୍ଗରେ  ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଭତ୍ତା ଦିଆଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର କହିଛନ୍ତି ।

## ଆଳୁ ବିହନ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ସମ୍ମୁଖରେ ଥିବା ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି । ଚଳିତବର୍ଷ ୧୩୫୦ କ୍ୱିଣ୍ଟାଲ ଆଳୁ ବିହନ ବଣ୍ଟନ

କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟ ସରକାରଙ୍କ କୃଷକ ଓଡ଼ିଶା ପୋର୍ଟାଲରେ ନାମ ପଞ୍ଜୀକରଣ କରି ଆବେଦନ କରିପାରିବେ । ଆଳୁଚାଷ କରିବା ପରେ ରିହାତି ରାଶି ଚାଷୀଙ୍କ ବ୍ୟାଙ୍କ ଖାତାକୁ ଦିଆଯିବ ବୋଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବିଶଙ୍କର ପଣ୍ଡା କହିଛନ୍ତି ।

## ତ୍ରିରଙ୍ଗା ଶୋଭାଯାତ୍ରା

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି  ଉପଲକ୍ଷେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଉଚ୍ଚଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ବିର୍ଶାମୁଣ୍ଡା, ସୁଭାଷଚନ୍ଦ୍ର ବୋଷଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଆମ ଦେଶର ବିକାଶଧାରାରେ ମୂଳ ଆଧାର । ଉତ୍ସବରେ ଜିଲ୍ଲାର ବିଦ୍ୟାଳୟ, ମହାବିଦ୍ୟାଳୟ, ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟ୍‌ର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ନଗର ପରିକ୍ରମା କରିଥିଲେ ।

## ସମୀକ୍ଷା

ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟା ପ୍ରିୟବ୍ରତ ସାମନ୍ତରାୟ ଏବଂ ପ୍ରେମଶୀଳା କେର୍କେଟା ୩ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଯାଇଛନ୍ତି । ଏନ୍‌ଏଫ୍‌ଏସ୍‌ଏ-୨୦୧୩ ଅଧୀନସ୍ଥ କାର୍ଯ୍ୟକ୍ରମ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା

ନିୟମାବଳୀ ୨୦୨୦, ଖାଦ୍ୟ ସୁରକ୍ଷା ସଂଶୋଧନ ନିୟମାବଳୀ ୨୦୨୨ର କାର୍ଯ୍ୟକାରିତା ସଂପର୍କରେ ତଦାରଖ ଓ ସମୀକ୍ଷା କରିଛନ୍ତି ।

## ଶିଶୁଦିବସ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ ଆଜି ଶିଶୁଦିବସ ପାଳନ କରାଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିନ୍ନ ଭିନ୍ନ ବାର୍ତ୍ତାରେ ଶିଶୁମାନଙ୍କ ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟରେ ଉତ୍ତମ ପରିବେଶ ଏବଂ ଶିଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଶିଶୁମାନଙ୍କ ଶିକ୍ଷା, ଅଧିକାରର ସୁରକ୍ଷା ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତେ ମିଳିତ ପ୍ରୟାସ କରିବା ଆବଶ୍ୟକ ।

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଉତ୍ସବରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।